# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

# ପୁସ୍ତକ ଅଧ୍ୟୟନ ଏବଂ ଏକାଗ୍ରତା

ଆଜିକାଲି ଖୁବ୍ ଶସ୍ତାରେ ବେଦ, ପୁରାଣ ଶାସ୍ତ୍ର ଆଦି ବହିସବୁ ମିଳୁଛି । ଶିକ୍ଷକମାନଙ୍କର ଅଭାବ ମଧ୍ୟ ନାହିଁ । ଚାରିଆଡ଼େ ବହୁ ବିଦ୍ୟାପୀଠ ଖୋଲିଗଲାଣି । ମନକୁ ତାଲିମ୍ କରିବାର ସୁବିଧା ସୁଯୋଗ ମଧ୍ୟ ଆଜିକାଲି ସୁଲଭ ହେଲାଣି । ତଥାପି ଜ୍ଞାନାମୃତ ପାନ କରିଥିବାର ସନ୍ତୋଷ କାହାରି ପାଖରେ ଦେଖାଯାଉନାହିଁ ।

ଚାରିଆଡ଼େ ପ୍ରଚୁର ଭାବରେ ଜମା ହୋଇଥିବା ଗଦା ଗଦା ବହିସବୁ ଦେଖିଲେ ମୋର ମନେହୁଏ, ବହି ଭିତରେ ଥିବା ଜ୍ଞାନ ବହିର ମୋଟା ଓ ଓଜନିଆ ବନ୍ଧେଇ ଭିତରୁ ବାହାରି ଆସି ଆଲୋକ ଦେଖିବାକୁ ସମର୍ଥ ହୋଇ ପାରୁନାହିଁ । ଆଜି କାମ, କ୍ରୋଧ, ଘୃଣା ଓ ସ୍ୱାର୍ଥପରତାର ପର୍ବତଶ୍ରେଣୀ ପଛରେ ଈଶ୍ୱର ଲୁଚିଯାଇଛନ୍ତି । ଗଦା ଗଦା ବହି ଭିତରେ ଜ୍ଞାନର ସୂର୍ଯ୍ୟ ଆବୃତ୍ତ ହୋଇପଡ଼ିଛି । ପୃଥିବୀର ପ୍ରତି କଣକୁ ଏସବୁ ବହିର ପ୍ରସାର ଘଟିଲେ ମଧ୍ୟ ଆମେ କହିପାରିବା ନାହିଁ ଯେ ସଂସ୍କୃତି ବା ଜ୍ଞାନର ଅଭିବୃଦ୍ଧି ଘଟିଛି । ମଣିଷ ଆଜି ମଧ୍ୟ ମାଙ୍କଡ଼ ଅବସ୍ଥାରୁ ବେଶୀ ଦୂର ଯାଇ ପାରିନାହିଁ । ଆଜି ପାଠକ ଚାହୁଁଛି ବହିଟିର ବନ୍ଧେଇ ଓ ମୁଦ୍ରଣ ସୁନ୍ଦର ହୋଇଥିବ, ସେଥିରେ ଛବି ମଧ୍ୟ ଥିବ- ଅର୍ଥାତ୍ କ୍ଷଣିକର ଆନନ୍ଦ ଓ ସନ୍ତୋଷରେ ତା'ର ଦୃଷ୍ଟି ସୀମାବଦ୍ଧ । ଯେଉଁମାନେ ବାଛି ବାଛି ଭଲ ବହିସବୁ ପଢ଼ନ୍ତି ଏବଂ ବହିର ସାରକଥା ନିଜ ଜୀବନରେ ପାଳନ କରନ୍ତି, କେବଳ ସେଇମାନେ ସତ୍ୟ ଲାଭ କରି ଚିରନ୍ତନ ପ୍ରଶାନ୍ତି ଉପଲବ୍ଧି କରନ୍ତି । ସେଇମାନଙ୍କର ଜୀବନ ସାର୍ଥକ ହୁଏ: ତେଣୁ ଯେଉଁମାନେ ଦିବ୍ୟ ପଥର ପଥିକ ଏବଂ ଯେଉଁମାନେ ଈଶ୍ୱର-ଚିନ୍ତନରେ ଆନନ୍ଦ ପାଆନ୍ତି ସେମାନେ କେବଳ ସାଧୁସନ୍ଥଙ୍କର ଜୀବନଚରିତ ଓ ପ୍ରଭୁଚିନ୍ତାରେ ସାହାଯ୍ୟ କରୁଥିବା ପୁସ୍ତକ ପଢ଼ିବା ଉଚିତ । ଏଣୁ ତେଣୁ ଯାହା ହାତକୁ ଆସିଲା ସେ ସବୁ ଲକ୍ଷ୍ୟହୀନ ଭାବରେ ପଢ଼ି ପକାଇଲେ ମନରେ

Scanned by TapScanner

ସନ୍ଦେହ ଓ ଅସ୍ଥିରତା ବଢ଼ିବ । ଏଥିରେ ଲାଭ ଆଦୌ ନାହିଁ; ଏହା କେବେହେଲେ ଶାନ୍ତି ଦେଇପାରେନା ।

ସବୁଠାରୁ ବଡ଼ କଥା ହେଲା, ତୁମେ ଯାହା କର ପଛକେ, ସବୁ କାମରେ ଏକାଗ୍ରତା ଅଭ୍ୟାସ କର । ସମଦୃଷ୍ଟି ହିଁ ଶୁଭଦୃଷ୍ଟି ।

ସିଂହ ପଶୁରାଜ ହେଲେ ବି ବଣରେ ଚାଲିଲାବେଳେ ବାରମ୍ବାର ପଛକୁ ଚାହୁଁଥାଏ; କାରଣ ତା' ମନରେ ସବୁବେଳେ ଗୋଟାଏ ଭୟ ଥାଏ, କାଳେ ତାକୁ କିଏ ଅନୁସରଣ କରୁଛି । ମନରେ ଭୟ ଥିଲେ ଦୃଷ୍ଟି ଚଞ୍ଚଳ ହୁଏ - ହୃଦୟ ଭିତରେ ହିଂସା ଥିଲେ ତାହା ଦୃଶ୍ୟକୁ ବିକୃତ ଓ ଦୃଷ୍ଟିକୁ କୁଟିଳ କରିପକାଏ ।

ମନୁଷ୍ୟର ସମଦୃଷ୍ଟି ରହିବା ଉଚିତ । ସମଗ୍ର ସୃଷ୍ଟି ମଣିଷ ଦୃଷ୍ଟିରେ ସମାନ ଭାବରେ ପବିତ୍ର ବୋଧ ହେବା ଉଚିତ । ମଣିଷ ନିଜକୁ ଯେତିକି ଶ୍ରଦ୍ଧା ଓ ବିଶ୍ୱାସ କରେ ସମସ୍ତ ପ୍ରାଣୀଙ୍କ ପ୍ରତି ମଧ୍ୟ ସେତିକି ଶ୍ରଦ୍ଧା ଓ ବିଶ୍ୱାସ ପୋଷଣ କରିବା ବାଞ୍ଛନୀୟ; କାରଣ ଏ ସୃଷ୍ଟିରେ ବିନ୍ଦୁମାତ୍ର ଅମଙ୍ଗଳ ବା ଅଶୁଭ କିଛି ନାହିଁ । ତାହା କେବଳ ଦୋଷଯୁକ୍ତ ଦୃଷ୍ଟିର ପରିଚୟ । ତୁମେ ଯେଉଁ ରଙ୍ଗର ଚଷମା ଆଖିରେ ଲଗାଅ, ଜଗତଟା ମଧ୍ୟ ସେଇ ରଙ୍ଗର ଦେଖାଯାଏ । ସୃଷ୍ଟି ପ୍ରକୃତରେ ସବୁଦିନେ ନିର୍ମଳ ଓ ପବିତ୍ର ।

## ସାଧନା ଜୀବନର ରୀତି

ମଣିଷ ଏକାଗ୍ର ଓ ଅଚ୍ୟୁତ ଭାବରେ ଆପଣାର ଶାରୀରିକ, ମାନସିକ ଓ ବୌଦ୍ଧିକ ଶକ୍ତିର ସମ୍ପୂର୍ଣ୍ଣ ପ୍ରକାଶ ଘଟାଇଲେ ଯାଇ ସେ ଜୀବନର ଶିଖର ଦେଶରେ ଉପନୀତ ହୋଇ ପାରିବ । ମଣିଷକୁ ଏହା ଶିକ୍ଷା ଦେବା ନିମନ୍ତେ ଯୁଗେ ଯୁଗେ ଗୁରୁମାନେ ଜନ୍ମଗ୍ରହଣ କରିଛନ୍ତି ଓ କରୁଥିବେ ମଧ୍ୟ । ମନୁଷ୍ୟର ମନ ବାହ୍ୟ ବସ୍ତୁର ଉପଭୋଗରେ ଏବଂ ବହିର୍ଜଗତର ଉଦ୍ଦେଶ୍ୟହୀନ ଆଲୋଚନା ଓ ସମାଲୋଚନାରେ ଆନନ୍ଦ ପାଏ । ଏପରି ଅସ୍ଥିର ମନକୁ ସ୍ଥିର କରିବ କିପରି ?

ପ୍ରତ୍ୟେକ ଲୋକ ନିଜକୁ ଏଇ ପ୍ରଶ୍ନ ପଚାରିବା ଉଚିତ, "ମହାପୁରୁଷ ଏବଂ ମହାତ୍ମାମାନେ ତ ମୋ ପରି ମଣିଷ, ମୋ ପରି ଦେହଧାରୀ ଆତ୍ମା । ସେମାନେ ଯଦି ପୂର୍ଣ୍ଣତା ପାଇପାରିଲେ ସେମାନଙ୍କ ପଥ ଅନୁସରଣ କଲେ ମୁଁ ମଧ୍ୟ ସଫଳକାମ ହୋଇ ନପାରିବି କାହିଁକି ? ଅନ୍ୟମାନଙ୍କର ଦୋଷଦୁର୍ବଳତା ଖୋଜି ବାହାର କରିବାରେ କ'ଣ ଲାଭ ?" ତେଣୁ ତୁମର ପ୍ରଥମ ସାଧନା ହେଲା ନିଜର ଦୋଷଦୁର୍ବଳତା ଜାଣି ସେଗୁଡ଼ିକୁ ସଂଶୋଧନ କରିବାର ଉଦ୍ୟମ କରି ଶେଷରେ ସମ୍ପୂର୍ଣ୍ଣ ଦୋଷମୁକ୍ତ ହେବା ।

Scanned by TapScanner